ବଣମଲ୍ଲୀର ମହକ

ISSN : 3108-2041 VOL.02 - ISSUE.03 - MARCH 2026

# ଦୁଇ ପଇସା

**କଲ୍ୟାଣ କୌଶିକ ଦାଶ**



ଦୁଇ ପଇସା କମେଇବା ଆଶାରେ,
ନିଇତି ସକାଳେ ଦୁଇ ପଇସା ଖଟାଏ...
ଦୁଇ ଓଳି ପେଟକୁ ଦାନା ଦେବା ପାଇଁ ,
ଦୁଇ ଖଣ୍ଡ କପଡା ଯୋଗାଡ଼ କରିବା ପାଇଁ,
ଦିନ ରାତି ଖଟୁଥାଏ,
ନା ଦୁଇ ମିନିଟ୍ ବସିଥାଏ....
ନା ଦୁଇ ଘଡି କୋଉଠି ଗପିଥାଏ ।
ଦିନ ରାତି ଅବିରତ ଅନବରତ ଚାଲିଥାଏ
ମଝିରେ ବିରତି ନେଇ ସଂଧ୍ୟା ଆସେ,
ଘରକୁ ଫେରିବାର ଉପଦେଶ ଦେଇ
ଅସ୍ତମିତ ରବି ଫେରିଯାଏ ।
ତେଲ ଲୁଣର ସଂସାରରେ ତେଲ ଭରୁ ଭରୁ
ସେହି ଦୁଇ ପଇସା ବି ସରିଯାଏ....
ଘାରିବସେ କାଳସର୍ପ ରୂପୀ ଅର୍ଥାଭାବ ।
ସବୁ ଠିକ୍ ହେଇଯିବ,
ମିଥ୍ୟା ଆଶ୍ୱାସନା ଦେଇ
ମଣିଷ ଶୋଇଯାଏ
ଅବସ ଶରୀର....
ଅବଶୋଷ ମତିଷ୍କ,
ଶାନ୍ତିର ନିଦକୁ ହାତେ ଦୂରେ ବାନ୍ଧି ରଖନ୍ତି ।
ଏପାଖ ସେପାଖ
କଡ ଲେଉଟାଉ ଲେଉଟାଉ
ପୁଣି ସକାଳ ଆସିଯାଏ,
ପୁଣି ସେଇ ଚିରାଚରିତ ଦିନଚର୍ଯ୍ୟା,
ପୁଣି ସେଇ ନୀଡ଼,
ନର ଆଉ ନିଦର ଅବଶ୍ୟକତା,
ତୃପ୍ତି ଯେ କେବେଠୁ ହଜି ସରିଛି,
ସେ କଥା ମୁଁ କାହିଁ କେଉଁ କାଳରୁ
ବୁଝି ଯାଇଛି...
ଖାଲି ଦିଶେ.... ଭୋକିଲା ପେଟ,
ଚିନ୍ତିତ ମୁଖ ଆଉ ପ୍ରିୟଜନ ଓଠେ
ଦୁଇ ଟୋପା ହସ ।

**ଚାଷୀ ଖଣଦା, ଅନାଖିଆ, ଜଗତସିଂହପୁର**
**ମୋ - ୯୬୫୮୫୯୧୯୨୮**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*